## ସଂକ୍ଷେପରେ

### ଆକ୍ରମଣ ଅଭିଯୋଗ

ବଇଣ୍ଡା,୧୯।୧୨(ଡି.ଏନ.ଏ.): ଠାକୁରଗଡ଼ ଥାନା ଖମାର ଗ୍ରାମର ସାରଥୀ ଦେହୁରୀଙ୍କୁ ସେହି ଗ୍ରାମର ଭୀମସେନ ସ୍ୱାଇଁ ମାଡ଼ ମାରିବା ସହ କାମୁଡ଼ି ଦେଇଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୩୯/୧୯ରେ ଏକ ମାମଲା ରୁଜୁ କରି ଭୀମସେନଙ୍କୁ ଗିରଫ କରିଛି। ପୋଲିସ କହିଛି, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସାରଥିଙ୍କୁ ଭୀମସେନ କାମୁଡ଼ି ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ହାତୀ ଗୋଡ଼ାଇବାରୁ କୂଅରେ ପଡ଼ି ଜୀବନ ଗଲା

ଠାକୁରମୁଣ୍ଡା,୧୯।୧୨(ଡି.ଏନ୍.ଏ.) ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ ବାଟଗୌଡ଼ଗାଁ ଗ୍ରାମର ଜଣେ ଦିବ୍ୟାଙ୍ଗ ବୃଦ୍ଧ ହାତୀ କବଳରୁ ରକ୍ଷା ପାଇବାକୁ ଯାଇ କୂଅରେ ପଡ଼ି ମୃତ୍ୟୁ ବରଣ କରିଛନ୍ତି। ଗାଁ ଲୋକେ ତାଙ୍କୁ ଉଦ୍ଧାର କରି କରଞ୍ଜିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଜଣକ ହେଲେ ଦ୍ୱାରୀ ନାଏକ (୬୫)। ସେ ଅତ୍ୟନ୍ତ ଗରିବ ହୋଇଥିବାରୁ ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଦୁଧିଆଣୀ ରେଞ୍ଜର ରାଣୀପାଟ ସେକ୍ସନ ଅଧୀନ ବାଟଗୌଡ଼ଗାଁ ନିକଟ ଧାନ ବିଲରେ ବୁଧବାର ସନ୍ଧ୍ୟାରେ ୨୨ଟିକିଆ ହାତୀପଲ ପଶିଥିଲେ। ବନ ବିଭାଗ କର୍ମଚାରୀମାନଙ୍କ ଉପସ୍ଥିତିରେ ଗାଁ ଲୋକେ ସେମାନଙ୍କୁ ଘଉଡ଼ାଉ ଥିବାବେଳେ ହାତୀ ପଲ ଉତ୍ତ୍ୟକ୍ତ ହୋଇ ଲୋକମାନଙ୍କ ଆଡ଼କୁ ମାଡ଼ି ଆସିଥିଲେ। ହାତୀ ଆକ୍ରମଣରୁ ବଞ୍ଚିବା ପାଇଁ ଲୋକେ ଏଣେତେଣେ ଦୌଡ଼ିଥିଲେ। ମାତ୍ର ସେଠାରେ ହାତୀମାନଙ୍କୁ ଦେଖୁଥିବା ଦିବ୍ୟାଙ୍ଗ ବୃଦ୍ଧ ଦ୍ୱାରୀ ଜୀବନ ବିକଳରେ ପଳାଇ ଯାଉଥିବାବେଳେ ଅନ୍ଧାର ଯୋଗୁ ବିଲ ପାଖରେ ଥିବା ଜଣେ ବ୍ୟକ୍ତିଙ୍କ ଗଭୀର କୂଅ ଭିତରେ ଖସି ପଡ଼ିଥିଲେ।

### ଦୋଷୀଙ୍କୁ ୧୦ ବର୍ଷ ଜେଲ୍

ବାଲେଶ୍ୱର ଅଫିସ, ୧୯।୧୨ ଜଣେ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା ମାମଲାର ବିଚାର କରି ଗୁରୁବାର ବାଲେଶ୍ୱର ଜିଲା ଦ୍ୱିତୀୟ ଅତିରିକ୍ତ ଜିଲା ଦୌରାଜଜ୍ ସୁବାସ କୁମାର ବେହାରି ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୭ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଆଉ ୧ ବର୍ଷ ଜେଲ୍ଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।
୨୦୧୭ ଜାନୁୟାରୀ ୧ତାରିଖରେ ଶିକ୍ସାଞ୍ଚଳ ଥାନା ଅଞ୍ଚଳର ଶଶିଧର ମଣ୍ଡଳ (୩୫) ତାଙ୍କ ସମ୍ପର୍କୀୟ ମାଇଁଙ୍କ ଘରକୁ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ଶଶିଧର ମାଇଁଙ୍କୁ ବଳାତ୍କାର କରିଥିଲେ। ମହିଳା ଜଣକ ନିଜର ସମ୍ମାନ ବଞ୍ଚାଇବା ପାଇଁ ଉକ୍ତ ଘଟଣାକୁ ଲୁଚାଇ ରଖିବାକୁ ଚେଷ୍ଟା କରୁଥିବାବେଳେ ଶଶିଧର ତାଙ୍କ ସ୍ୱାମୀଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଦେବା ସହ ସର୍ବସାଧାରଣରେ ପ୍ରକାଶ କରିବାକୁ ଧମକ ଦେଇଥିଲେ। ଲୋକଲଜ୍ଜାକୁ ଡରି ମହିଳା ଜଣକ ୨୦୧୭ ଏପ୍ରିଲ ୪ ତାରିଖରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ତତ୍କାଳୀନ ଡାକ୍ତରଖାନା ଫାଣ୍ଡି ଏଏସ୍ଆଇ ବିଶ୍ୱମ୍ଭର ଚକ୍ରବର୍ତ୍ତୀ ତଦନ୍ତ କରୁଥିବା ବେଳେ ମହିଳାଜଣଙ୍କ ତାଙ୍କ ଭଣଜା ଶଶିଧର ଏଭଳି ଧମକ ଦେଉଥିବାରୁ ସେ ଆତ୍ମହତ୍ୟା ଉଦ୍ୟମ କରିଥିବା ମୃତ୍ୟୁକାଳୀନ ଜମାନବନ୍ଦୀରେ ପ୍ରକାଶ କରିଥିଲେ। ଏହାପରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁକାଳୀନ ଜମାନବନ୍ଦୀକୁ ଭିତ୍ତି କରି ଏଏସ୍ଆଇ ଚକ୍ରବର୍ତ୍ତୀ ଶିକ୍ସାଞ୍ଚଳ ଥାନାରେ ଏପ୍ରିଲ ୬ ତାରିଖରେ ଏକ ହତ୍ୟା ମାମଲା (ନଂ. ୪୧/୨୦୧୭) ରୁଜୁ କରିଥିଲେ। ମୃତ୍ୟୁକାଳୀନ ଜମାନବନ୍ଦୀ, ୧୬ଜଣ ସାକ୍ଷ୍ୟଙ୍କ ବୟାନ ଓ ୧୮ ଦସ୍ତାବିଜ୍ ଅନୁଯାୟୀ ବିଚାରପତି ଏହି ଦଣ୍ଡାଦେଶ ଦେଇଛନ୍ତି। ଉକ୍ତ ମାମଲାରେ ସରକାରଙ୍କ ପକ୍ଷରୁ ଆଇନଜୀବୀ ଦୀପକ କୁମାର ଦାସ ପରିଚାଳନା କରୁଥିଲେ।

■ରିପୋର୍ଟ ଦେଲେ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା

# ଅନ୍ତେବାସୀଙ୍କ ସହ କଲେ ମଧ୍ୟାହ୍ନ ଭୋଜନ

■ହୋଟେଲରୁ ୫ ନାବାଳକ ଶ୍ରମିକ ଉଦ୍ଧାର
■ଦୁଇ ବିଦ୍ୟାଳୟରୁ ପାଠ ଛାଡ଼ିଛନ୍ତି ୧୬ ଛାତ୍ରୀଛାତ୍ର
■ବାଳସୁଧାର ଗୃହର ଭିତ୍ତିଭୂମି ପରଖିଲେ

ଅନୁଗୋଳ ଅଫିସ, ୧୯।୧୨


ଅଙ୍ଗନୱାଡି କେନ୍ଦ୍ରରେ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ଓ ଅନ୍ୟମାନେ।

ଦୁଇ ଦିନିଆ ଅନୁଗୋଳ ଜିଲା ଗସ୍ତରେ ଆସିଥିବା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ଦିବ୍ୟା ଶାଶ୍ୱତୀ ବୁଧବାର ତାଙ୍କ ଗସ୍ତ ଶେଷ କରି ଫେରିଯାଇଛନ୍ତି। ତେବେ ଫେରିବା ପୂର୍ବରୁ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ଓ ଏସ୍ପି ଜଗମୋହନ ମୀନାଙ୍କୁ ସେ ତାଙ୍କ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ଗସ୍ତ ଅବସରରେ ଆୟୋଗ ସଦସ୍ୟା ବନ୍ତଳା ଅଞ୍ଚଳର ଦୁଇଟି ହୋଟେଲରେ ଚଢ଼ାଉ କରି ୫ ଜଣ ବାଳଶ୍ରମିକଙ୍କୁ ଉଦ୍ଧାର କରିଥିଲେ। ଦୁଇ ଜଣଙ୍କ ବୟସ ୧୪ ବର୍ଷ ହୋଇଥିବାରୁ ଉଭୟଙ୍କୁ ଜିଲା ଶିଶୁ ମଙ୍ଗଳ ଅଧିକାରୀଙ୍କ ନିକଟରେ ହାଜର କରାଇ ସିସିଆଇ ହୋମ୍ରେ ରଖାଯାଇଛି। ଅନ୍ୟ ୩ ଜଣଙ୍କ ବୟସ ୧୭ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ସେମାନଙ୍କ ପରିବାର ଆବଶ୍ୟକ ପ୍ରମାଣପତ୍ର ଦେଖାଇବା ପରେ ବନ୍ତଳା ପୋଲିସ ଓ ଜିଲା ଶ୍ରମ ଅଧିକାରୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସଦସ୍ୟା କହିଛନ୍ତି।

ବୁଧବାର ପୂର୍ବାହ୍ନରେ ଆୟୋଗ ସଦସ୍ୟା ଶରଧାପୁର ଅଞ୍ଚଳର ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନରେ ଯାଇଥିଲେ। ସେଠାରେ କୁନି କୁନି ପିଲାଙ୍କ ସହ ବାର୍ତ୍ତାଳାପ କରିବା ସହ କେନ୍ଦ୍ର କିପରି ଚାଲିଛି ତାର ଅନୁଧ୍ୟାନ କରିଥିଲେ। ଏହାପରେ ଶରଧାପୁର ୟୁପି ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀମାନଙ୍କ ଡ୍ରପ ଆଉଟ୍ ନେଇ ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ଅଭିଭାବକଙ୍କ ସହ ଆଲୋଚନା କରି ପାଠ ଛାଡ଼ିଥିବା ଛାତ୍ରୀଙ୍କୁ ପୁଣି ସ୍କୁଲ ଫେରାଇବାକୁ ପରାମର୍ଶ ଦେଇଥିଲେ। ଏହାପରେ ଅନୁଗୋଳ ଜୁଭେନାଇଲ ଜଷ୍ଟିସ ହୋମ (ବାଳସୁଧାର ଗୃହ) ପରିଦର୍ଶନ କରିଥିଲେ। ସେଠାରେ ଥିବା ଅନ୍ତେବାସୀଙ୍କ ସହ ଖାଦ୍ୟ ଖାଇବା ବେଳେ କାଉନସେଲିଂ କିପରି କରାଯାଉଛି ତାହା ବୁଝିଥିଲେ। ବାଳ ସୁଧାର ଗୃହ ଭିତ୍ତିଭୂମି ବିକାଶର ଆବଶ୍ୟକତା ଥିବା ସଦସ୍ୟା ଦର୍ଶାଇଥିଲେ। ପରେ ଅନୁଗୋଳ ବାଳିକା ବିଦ୍ୟାଳୟରେ ପହଞ୍ଚି ଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ସେଠାରେ ମଧ ଡ୍ରପ୍ ଆଉଟ୍ ଥିବା ଜାଣିବାକୁ ପାଇଥିଲେ। ଏହି ଦୁଇଟି ବିଦ୍ୟାଳୟରୁ ୧୬ ଜଣ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡ଼ିଥିବା ନେଇ ସେ ଜିଲାପାଳଙ୍କୁ ତାଙ୍କ ରିପୋର୍ଟ ପ୍ରଦାନ କରିଛନ୍ତି। ସଦସ୍ୟାଙ୍କ ସହ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ସମାଜ ମଙ୍ଗଳ ବିଭାଗର ସୁରକ୍ଷା ଅଧିକାରୀ ପୂର୍ଣ୍ଣବାସୀ ରଥ, ଶିଶୁ ଯତ୍ନ ସୁରକ୍ଷା ଅଧିକାରୀ ଝରଣା ନାୟକଙ୍କ ସମେତ ସମାଜ ମଙ୍ଗଳ ଓ ଜିଲା ମଙ୍ଗଳ ବିଭାଗର ବିଭିନ୍ନ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ବନ୍ତଳା ଅଞ୍ଚଳରେ ଥିବା ଦୁଇ ହୋଟେଲରେ ଜିଲା ଶ୍ରମ ଅଧିକାରୀ ଶିବ ଶଙ୍କର ମିଶ୍ର, ବନ୍ତଳା ଏସ୍ଆଇ ଅନୁପମା ପାତ୍ର, ଶିଶୁ ସୁରକ୍ଷା ଅଧିକାରୀ ବେହେରା ଓ ଶିଶୁ ମଙ୍ଗଳ କମିଟିର ଅଧକ୍ଷ ସଞ୍ଜୀବ କୁମାର କରଙ୍କ ସହ ଚଢ଼ାଉ କରିଥିଲେ। ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବା ସମୟରେ ଶିଶୁ ସୁରକ୍ଷା ଅଧିକାରୀ ବେହେରା ଓ ଉପଜିଲାପାଳ ବାସୁଦେବ ଶତପଥୀ ଜିଲାପାଳଙ୍କ ନିକଟରେ ଉପସ୍ଥିତ ଥିଲେ।

# ୨୨୪ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ତାଳଚେର,୧୯।୧୨(ନି.ପ୍ର.)

ଏନ୍ଟିପିସି ଦ୍ୱାରା ପରିଚାଳନାଧୀନ ତାଳଚେର ଥର୍ମାଲ (ଟିଟିପିଏସ୍) ପକ୍ଷରୁ ଏହାର ସିଏସ୍ଆର୍ ଯୋଜନାରେ ତାଳଚେର ବ୍ଲକ ଗୁରୁଜାଙ୍ଗୁଲି ଗ୍ରାମରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୨୪ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଡାକ୍ତର ଡି.କେ. ସାହୁ, ଏନ.କେ. ଦାସ ଓ ଅନ୍ୟ କର୍ମଚାରୀମାନେ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଡିଜିଏମ୍ ସମିତ ଦେବ ଓ ଅନ୍ୟ ସିଏସ୍ଆର୍ ଅଧିକାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଯାଞ୍ଚ, ୬ ମାମଲା ରୁଜୁ

ବଇଣ୍ଡା,୧୯।୧୨(ଡି.ଏନ.ଏ.)

୫୫ନଂ. ଜାତୀୟ ରାଜପଥ ହଣ୍ଡପା ଥାନା ବଇଣ୍ଡା ଲେଭଲ କ୍ରସିଂଠାରେ ଗୁରୁବାର ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ କରାଯାଇଥିଲା। ଉଭୟପାର୍ଶ୍ୱରୁ ଆସୁଥିବା ଗାଡ଼ିଗୁଡ଼ିକୁ ଅଟକାଇ ହେଲମେଟ, କାଗଜପତ୍ର ଯାଞ୍ଚ କରାଯାଇଥିଲା। ଏଥିରେ ୬ଟି ମାମଲା ରୁଜୁ କରାଯାଇ ୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ବଇଣ୍ଡା ଫାଣ୍ଡି ଅଧିକାରୀ ସନାତନ ମହାରଣା ଓ ହଣ୍ଡପା ଥାନା ଏଏସ୍ଆଇ ରୁଦ୍ରଚରଣ ବିଶ୍ୱାଳ ଏହି ଯାଞ୍ଚ କରିଥିଲେ।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍ଯାପିତ


କ୍ରୀଡ଼ା ଉଦ୍ଯାପନୀ ଉତ୍ସବରେ ଶିକ୍ଷୟିତ୍ରୀ ଶିକ୍ଷକମାନେ।

ବଇଣ୍ଡା,୧୯।୧୨(ଡି.ଏନ.ଏ.)

କିଶୋରନଗର ବ୍ଲକ ଫୁଲାଆମ୍ବା ହାଇସ୍କୁଲରେ ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ଉଦ୍ଯାପିତ ହୋଇଛି। ନାକିଚି ମା' ମାହେଶ୍ୱରୀ ହାଇସ୍କୁଲର ପ୍ରଧାନଶିକ୍ଷକ ଅମରେଶ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ। ଏଥିରେ ବିଦ୍ୟାଳୟର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଖେଳ ଶିକ୍ଷକ ସୁରେଶଚନ୍ଦ୍ର ଦ୍ୱିବେଦୀ ପରିଚାଳନା କରିଥିଲେ। ଉଦ୍ଯାପନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରେମରଞ୍ଜନ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅଞ୍ଜନା ସାହୁ, ସସ୍ମିତା ଗଡ଼ନାୟକ, ରଶ୍ମିରଞ୍ଜିତା ମିଶ୍ର, ଘାସିନାଥ ସେଠୀ, ପ୍ରଦୀପ କୁମାର ମାଝି ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

# ଗ୍ରାମ ପରିସର ସଫେଇ

ଛେଣ୍ଡିପଦା,୧୯।୧୨(ସ୍ୱ.ପ୍ର.)

ଅନୁଗୋଳ ଜିଲା ଜରପଡା ସ୍ଥିତ ପରା ଗ୍ରାମରେ ପରିବାର ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ପାର୍ଥସାରଥି ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ସଭ୍ୟମାନେ ଗ୍ରାମର ବାଉରୀ ନଦୀ କୂଳରେ ଥିବା ଶ୍ମଶାନ ଓ ରାସ୍ତାପାର୍ଶ୍ୱ ସଫେଇ କରିଥିଲେ। ସେଠାରେ ବୃକ୍ଷରୋପଣ କରାଯିବାକୁ ସଙ୍ଗଠନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସଙ୍ଗଠନର ସମ୍ପାଦକ ବିଚିତ୍ର ସାହୁଙ୍କ ପରିଚାଳନାରେ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଏଥିରେ ସାମିଲ ହୋଇଥିଲେ।

# ଦରମା ଦାବିରେ ଆନ୍ଦୋଳନ


ଆନ୍ଦୋଳନରତ ଆଠମଲ୍ଲିକ ପଥପ୍ରାନ୍ତ ସୁବିଧା କେନ୍ଦ୍ରର କର୍ମଚାରୀମାନେ।

ଆଠମଲ୍ଲିକ, ୧୯।୧୨(ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ପଥପ୍ରାନ୍ତ ସୁବିଧା କେନ୍ଦ୍ର କର୍ମଚାରୀ ୩ ମାସରୁ ଊର୍ଦ୍ଧ୍ୱ ହେଲା ଦରମା ପାଇ ନ ଥିବା ଅଭିଯୋଗ କରି ପ୍ରତିବାଦରେ ଗୁରୁବାରଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏଥିଯୋଗୁ ଏହି କେନ୍ଦ୍ର ବନ୍ଦ ରହିଥିବା ଜଣାପଡିଛି। ଏଠାରେ ଜଣେ ସୁପରଭାଇଜରଙ୍କ ସମେତ ସମୁଦାୟ ୧୩ ଜଣ କର୍ମଚାରୀ ଅଛନ୍ତି। ଗତ ସେପ୍ଟେମ୍ବରଠାରୁ ଏଯାବତ୍ କର୍ମଚାରୀଙ୍କୁ ଦରମା ପ୍ରଦାନ କରାଯାଇନାହିଁ। ଦରମା ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସୁପରଭାଇଜର ଉଦୀପ୍ କୁମାର ପ୍ରଧାନ ଚେତାବନୀ ଦେଇଛନ୍ତି।

# ଭୂତକୋଠି ହେଲାଣି ରକ୍ତଭଣ୍ଡାର ଗୃହ

■ନିର୍ମାଣକୁ ୧୦ ବର୍ଷ ବିତିଲାଣି
■ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରାଯାଉନି
■ଖର୍ଚ୍ଚ ହୋଇଥିଲା ୧୦ ଲକ୍ଷ

ଆଠମଲ୍ଲିକ, ୧୯।୧୨(ଡି.ଏନ.ଏ.)


ରକ୍ତଭଣ୍ଡାର ପାଇଁ ନିର୍ମିତ ଗୃହ।

ଅନୁଗୋଳ ଜିଲା ଆଠମଲ୍ଲିକବାସୀଙ୍କ ଆବଶ୍ୟକତାକୁ ଆଖିରେ ରଖି ନିର୍ମାଣ ହୋଇଥିବା ରକ୍ତଭଣ୍ଡାର ଗୃହ ଭୂତକୋଠିରେ ପରିଣତ ହେବାକୁ ବସିଲାଣି। ନିର୍ମାଣକୁ ୧୦ ବର୍ଷ ପୂରିଥିଲେ ହେଁ ଏହାକୁ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରାଯାଉ ନାହିଁ। ଫଳରେ ଲତାବୁଦା ମାଡ଼ିବା ସହ ଏହା ପରିସର ଆବର୍ଜନାରେ ଭର୍ତ୍ତି ହୋଇଛି।

ସୂଚନା ମୁତାବକ, ୨୦୦୯-୨୦୧୦ ଆର୍ଥିକ ବର୍ଷରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ଏହି ରକ୍ତଭଣ୍ଡାର ଗୃହ ନିର୍ମାଣ କରାଯାଇଥିଲା। ଏଥିପାଇଁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ହେଲେ ଏତେ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ଗୃହ ଆଜି ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର ହୋଇପାରିନି। ଫଳରେ ଏହା ଏକ ପ୍ରକାର ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ଗୃହ ଚତୁଃପାର୍ଶ୍ୱରେ ବର୍ତ୍ତମାନ ଅନାବନା ଗଛ ଉଠି ପରିସରକୁ ନଷ୍ଟ କରୁଛି। ଅନେକ ସମୟରେ ଏଠାରେ ଅସାମାଜିକ ଲୋକମାନେ ଆଡ୍ଡା ଜମାଉଛନ୍ତି। ସ୍ଥାୟୀ ରକ୍ତଭଣ୍ଡାର ଗୃହ ନ ଥିବାରୁ ଏଠାରେ ଡାକ୍ତର, ଟେକ୍ନିସିଆନ, ଆଟେଣ୍ଡାଣ୍ଟ, ସୁଇପର ଆଦି ନିଯୁକ୍ତି ମଧ ହୋଇପାରୁନାହିଁ। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ସରକାର ଗୃହ ନିର୍ମାଣ କରିଥିଲେ ହେଁ କାହିଁକି ଏହାକୁ କାମରେ ଲଗାଯାଇପାରୁନାହିଁ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ସ୍ଥାନୀୟ ଭାରପ୍ରାପ୍ତ ଏସ୍ଡିଏମ୍ଓ ସୁନୀଲ କୁମାର ପଣ୍ଡାଙ୍କୁ ଯୋଗାଯୋଗ କରିବାରେ କହିଛନ୍ତି, ରକ୍ତଭଣ୍ଡାର ଗୃହ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର ହୋଇନାହିଁ। ଫଳରେ ରକ୍ତଦାନ ଶିବିରଗୁଡିକରେ ଉପଖଣ୍ଡ ଚିକିତ୍ସାଳୟରୁ ଡାକ୍ତର ଓ କର୍ମଚାରୀ ଯୋଗାଇ ଦିଆଯାଉଛି। ବର୍ତ୍ତମାନ ୧୯୯୯ରେ ନିର୍ମିତ ରକ୍ତଭଣ୍ଡାର ଗୃହରେ କାର୍ଯ୍ୟ ଚାଲିଛି।

### ଶିଶୁମନ୍ଦିର ଛାତ୍ରୀଛାତ୍ରଙ୍କ କୃତିତ୍ୱ

ଆଠମଲ୍ଲିକ, ୧୯।୧୨(ଡି.ଏନ.ଏ.)

ପଠାଣି ସାମନ୍ତ ମେଧା ବୃତ୍ତି ପରୀକ୍ଷାରେ ଆଠମଲ୍ଲିକ ଶିଶୁମନ୍ଦିର ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। ଓମ୍ ପ୍ରକାଶ ପାଣିଗ୍ରାହୀ, ସ୍ୱୟଂପ୍ରକାଶ ସାହୁ, ଓମ୍ ପ୍ରସାଦ ମହାକୁଡ, ପ୍ରିୟବ୍ରତ ଭୂରଭୂରୀ, ସୋହନ କୁମାର ସାହୁ, ସମୀକ୍ଷା ହୋତା, ଚିନ୍ମୟୀ ମିଶ୍ର ପ୍ରମୁଖ ସଫଳତା ହାସଲ କରିଛନ୍ତି। ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଛାତ୍ରୀ ଅର୍ପିତା ଗଡନାୟକ ପ୍ରଥମ ହୋଇଥିବାବେଳେ ଦୀପାଲି ରଥ, ସ୍ୱାତୀରାଣୀ ଚନ୍ଦ, ଆଶୁତୋଷ ବଡମାଳୀ କୃତିତ୍ୱ ହାସଲ କରିଛନ୍ତି। ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ମାନସ ରଞ୍ଜନ ବେହେରା, ଓମପ୍ରକାଶ ଦାଶ, ଅଂଶୁମାନ ସାହୁ, ପ୍ରତାପ ସାହୁ ପ୍ରମୁଖ କୃତକାର୍ଯ୍ୟ ହୋଇଛନ୍ତି।

# ନାଲ୍କୋ ସିପିପିକୁ ଶକ୍ତି ସଂରକ୍ଷଣ ପୁରସ୍କାର

ବଆଁରପାଳ, ୧୯।୧୨ (ଡି.ଏନ୍.ଏ)


ନାଲ୍କୋ ସିପିପିକୁ ଓଡ଼ିଶା ରାଜ୍ୟ ଶକ୍ତି ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯାଉଛି।

ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଅଭିନବ ପଦକ୍ଷେପ ଗ୍ରହଣ କରିଥିବାରୁ ନାଲ୍କୋର ନିଜସ୍ୱ ତାପଜ ବିଦ୍ୟୁତ୍ କେନ୍ଦ୍ରକୁ ଓଡ଼ିଶା ରାଜ୍ୟ ଶକ୍ତି ସଂରକ୍ଷଣ ପୁରସ୍କାର-୨୦୧୯ ପ୍ରଦାନ କରାଯାଇଛି। ଗତ ୧୪ ତାରିଖରେ ଭୁବନେଶ୍ୱର ଜୟଦେବ ଭବନ ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜାତୀୟ ସଂରକ୍ଷଣ ଦିବସ ସମାରୋହରେ ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଠାରୁ ସିପିପିର ମହାପ୍ରବନ୍ଧକ ଅମ୍ବିକା ପ୍ରସାଦ ପଣ୍ଡା, ଡିଜିଏମ୍ ଗିରିଜା ପ୍ରସାଦ ରାୟ, ଏଜିଏମ୍ ବିଶ୍ୱରଞ୍ଜନ ଦାସ, ମ୍ୟାନେଜର ସନ୍ତୋଷିନୀ ସାହୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଶକ୍ତି ବିଭାଗର କମିଶନର ବିଷ୍ଣୁପ୍ରଦ ସେଠୀ, ବିଦ୍ୟୁତ ବିଭାଗର ମୁଖ୍ୟ ଯନ୍ତ୍ରୀ ସନ୍ତୋଷ ଦାଶ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ୨୦୧୮-୧୯ ବର୍ଷ ପାଇଁ ନିଜସ୍ୱ ତାପଜ ବିଦ୍ୟୁତ କେନ୍ଦ୍ର ନେଇଥିବା ବିଭିନ୍ନ ଶକ୍ତି ସଂରକ୍ଷଣ ପରିଯୋଜନା ଦ୍ୱାରା କୋଇଲା, ତରଳ ଇନ୍ଧନ ଓ ବିଦ୍ୟୁତ ଶକ୍ତି ସଞ୍ଚୟ କରିଥିବାରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

■୩ ମାସ ହେବ ଦରମା ଦେଇନି ଠିକାସଂସ୍ଥା

# ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ପଡ଼ିଲା ତାଲା

ବଇଣ୍ଡା,୧୯।୧୨(ଡି.ଏନ.ଏ.)


ନାକିଚିଠାରେ ଥିବା ପଥପ୍ରାନ୍ତ ସୁବିଧା କେନ୍ଦ୍ରର କର୍ମଚାରୀଙ୍କ ଆନ୍ଦୋଳନ।

ରାସ୍ତାରେ ଯାଉଥିବା ବାଟୋଇଙ୍କୁ ମାଗଣାରେ ବିଶ୍ରାମ ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାର ପ୍ରତ୍ୟେକ ବ୍ଲକର ମୁଖ୍ୟରାସ୍ତା ପାର୍ଶ୍ୱରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ସ୍ଥାପନ କରିଛନ୍ତି। ହେଲେ ଅନୁଗୋଳ ଜିଲା କିଶୋରନଗର ବ୍ଲକ ନାକିଚିଠାରେ ଥିବା ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ନିୟୋଜିତ କର୍ମଚାରୀଙ୍କୁ ୩ ମାସ ହେବ ଦରମା ଦିଆଯାଇ ନ ଥିବା ଯୋଗୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏପରି କି ସମ୍ପୃକ୍ତ କର୍ମଚାରୀମାନେ ସୋମବାରଠାରୁ କେନ୍ଦ୍ରରେ ତାଲା ପକାଇ ଧର୍ମଘଟରେ ବସିଛନ୍ତି। ଫଳରେ ପଥଯାତ୍ରୀ ଓ ନାକିଚି ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଘଟଣାରୁ ଜଣାପଡ଼ିଛି, ପୂର୍ତ୍ତ ବିଭାଗ ଅଧୀନରେ ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ର ରହିଛି। ଏଠାରେ ୧୩ ଜଣ କର୍ମଚାରୀ ବିଭିନ୍ନ ଦାୟିତ୍ୱ ପାଇଁ ନିଯୁକ୍ତି ହୋଇଛନ୍ତି। ୫୫ନଂ. ଜାତୀୟ ରାଜପଥ ଦେଇଯାଉଥିବା ପଥଯାତ୍ରୀଙ୍କୁ ଏଠାରେ ମାଗଣାରେ ଜଳପାନ, ଶୌଚାଳୟ, ପାର୍କିଂ, ଶିଶୁ ଉଦ୍ୟାନ, ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଇଥାଏ। ହେଲେ ନିଯୁକ୍ତି ହୋଇଥିବା ୧୩ ଜଣ କର୍ମଚାରୀଙ୍କୁ ସେପ୍ଟେମ୍ବର ୨୦୧୯ ମାସଠାରୁ ଦରମା ଦିଆଯାଇ ନାହିଁ। ଏକ ଘରୋଇ ଠିକାସଂସ୍ଥା ପକ୍ଷରୁ ଏମାନଙ୍କୁ ନିଯୁକ୍ତି କରାଯାଇଥିବାବେଳେ ଦରମା ଦିଆଯାଉ ନ ଥିବାରୁ ପରିବାର ଚଳିବାରେ କଷ୍ଟକର ହେଉଥିବା କର୍ମଚାରୀମାନେ ପ୍ରକାଶ କରିଛନ୍ତି। ତୁରନ୍ତ ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ କର୍ମଚାରୀଙ୍କୁ ଦରମା ପ୍ରଦାନର ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଏ ନେଇ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ହିମାଂଶୁ ମହାଲିକ କହିଛନ୍ତି, ପଥପ୍ରାନ୍ତ ସୁବିଧାକେନ୍ଦ୍ରର କର୍ମଚାରୀମାନଙ୍କୁ ଏକ ଠିକାସଂସ୍ଥା ନିଯୁକ୍ତ କରିଛି। ଉକ୍ତ ଠିକା ସଂସ୍ଥା ପୂର୍ତ୍ତ ବିଭାଗରୁ ପ୍ରତ୍ୟେକ ମାସରେ ବିଲ୍ ନେଇଯାଉଛି। କ'ଣ ପାଇଁ କର୍ମଚାରୀଙ୍କୁ ଦରମା ଯୋଗାଇ ଦିଆଯାଉନି ସେ ସମ୍ପର୍କରେ ଅନୁଧ୍ୟାନ କରାଯିବ।

## ସଂକ୍ଷେପରେ

### ମଦ, ଅଟୋରିକ୍ସା ଜବତ: ଜଣେ ଗିରଫ

ପରଜଙ୍ଗ, ୧୯।୧୨(ଡି.ଏନ୍.ଏ.): ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ୧୪୯ନଂ. ଜାତୀୟ ରାଜପଥର ବିଶାନାଳୀ ଛକ ନିକଟରୁ ଗୁରୁବାର ୧୦ ଲିଟର ମହୁଲି ମଦ ସହ ଅଟୋରିକ୍ସାକୁ ଜବତ କରାଯାଇଛି। ଚୋରା ମଦ କାରବାରରେ ସମ୍ପୃକ୍ତି ଅଭିଯୋଗରେ ଗାଡ଼ି ଡ୍ରାଇଭର ତଥା ୪ନଂ. କଲୋନୀର ଜିତୁ ନାଥ ଗିରଫ ହୋଇଛନ୍ତି। ଉକ୍ତ ମଦ ଦୋମୁହାଣି ଗ୍ରାମରୁ ୪ନଂ. କଲୋନୀକୁ ଚାଲାଣ ହେଉଥିଲା। ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ଫାଣ୍ଡି ଅଧିକାରୀ ସମରଜିତ୍ ନାୟକ ସୂଚନା ଦେଇଛନ୍ତି।

### ୬୫୦୦ ଲିଟର ମହୁଲ ପୋଚ ନଷ୍ଟ

ଭୁବନ, ୧୯।୧୨(ଡି.ଏନ.ଏ.): ଢେଙ୍କାନାଳ ଜିଲା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଭୁବନ ବ୍ଲକ ବେଣ୍ଟଶାଳିଆ, କୁଣ୍ଡା ଏବଂ ମହୁଲପାଳ ଅଞ୍ଚଳରେ ଚଢ଼ାଉ କରାଯାଇ ୬୫୦୦ ଲିଟର ମହୁଲ ପୋଚ ନଷ୍ଟ କରାଯାଇଛି। ଏଥିସହିତ ୪୩ ପ୍ଲାଷ୍ଟିକ ଡ୍ରମ୍, ୩୦ ପ୍ଲାଷ୍ଟିକ ବ୍ୟାଗ୍ ଜବତ କରାଯାଇଛି। ଜିଲା ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ଅତିରିକ୍ତ ତହସିଲଦାର ସସ୍ମିତା ବେହେରା, ଅବକାରୀ ଇନ୍ସପେକ୍ଟର ସମୀର କୁମାର ମହାନ୍ତି, ଓଆଇସି ମାନସୀ ସାହୁ, ଏଏସ୍ଆଇ ଶ୍ରୀକାନ୍ତ ସାହୁ, ଭକ୍ତବତ୍ସଳ ଲେଙ୍କା, ନିରଞ୍ଜନ ନାୟକ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ। ଭୁବନ ଏବଂ ପରଜଙ୍ଗ ବ୍ଲକରେ ଚୋରା ମଦର ଅବାଧ କାରବାର ବଢ଼ିବାରେ ଲାଗିଛି। ଏହାକୁ ରୋକିବାକୁ ଅବକାରୀ ବିଭାଗ ପକ୍ଷରୁ ଘନ ଘନ ଚଢ଼ାଉ ଆରମ୍ଭ ହୋଇଛି।

■ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା

# 'ଭଲ ବ୍ୟବହାର କର, ଲୋକଙ୍କୁ ନ୍ୟାୟ ଦିଅ'



ସମୀକ୍ଷା ବୈଠକରେ ଅତିଥିମାନେ।

■ଶିଳ୍ପସମୃଦ୍ଧ ଜିଲାକୁ ଅବହେଳା କରାଯାଉଛି:ଏମ୍ପି

**ଢେଙ୍କାନାଳ ଅଫିସ,୧୯।୧୨**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଗୁରୁବାର ଅପରାହ୍ଣରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ବିଭାଗୀୟ ସମୀକ୍ଷା କରିଛନ୍ତି। ବିଭିନ୍ନ ସମୟରେ କାର୍ଯ୍ୟାଳୟକୁ ଆସୁଥିବା ଲୋକଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ କରିବା ଏବଂ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଯତ୍ନବାନ ହେବାକୁ ମନ୍ତ୍ରୀ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ଏଥିସହ ଭୂମିହୀନଙ୍କୁ ଚିହ୍ନଟ କରି ଜମିପଟ୍ଟା ବଣ୍ଟନ, ବାତ୍ୟା ଆଶ୍ରୟସ୍ଥଳୀକୁ ରାସ୍ତା, ବିଦ୍ୟୁତ୍ ଏବଂ ପାଣି ବ୍ୟବସ୍ଥା କରିବା, ରାଜସ୍ୱ ବୃଦ୍ଧି କ୍ଷେତ୍ରରେ ଦାୟିତ୍ୱ ସମ୍ପନ୍ନ ହେବା, ପରିବେଶ ସୁରକ୍ଷା, ଅସହାୟ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଅନ୍‌ଲାଇନରେ ଆବେଦନର ୧୫ଦିନ ମଧ୍ୟରେ ପ୍ରମାଣପତ୍ର ନ ଦେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଆଲୋଚନାରେ ଭାଗନେଇ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କହିଲେ, ଶିଳ୍ପସମୃଦ୍ଧ ଢେଙ୍କାନାଳ ଜିଲାରେ ହଜାର ହଜାର ଖଣି ବେନିୟମ ଭାବେ ଚାଲିଛି। ଏହାକୁ ରୋକିବା ପ୍ରଶାସନର ଗୁରୁଦାୟିତ୍ୱ। ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣ ରୋକିବା ଦିଗରେ ଉଚିତ ପଦକ୍ଷେପ ନେବାକୁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ରାଜସ୍ୱ ଗ୍ରାମରେ ସରକାରୀ ଜମି ଚିହ୍ନଟ କରି ଭୂମିହୀନଙ୍କୁ ପଟ୍ଟା ପ୍ରଦାନ, ସରକାରୀ ଜମିର ସୁରକ୍ଷା, ଭୂମିହୀନଙ୍କ ତାଲିକା ପ୍ରସ୍ତୁତ କରିବାକୁ ସେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକରେ ଯୋଗଦେଇ ଏମ୍ପି ମହେଶ ସାହୁ କହିଲେ, ଜିଲାରେ ହଜାର ହଜାର ହେକ୍ଟର ସରକାରୀ ଜମି ଜବରଦଖଲରେ ରହିଛି। ଏହାକୁ ଜବରଦଖଲକାରୀଙ୍କଠାରୁ ମୁକ୍ତ କରିବା ଜରୁରୀ। ଜଙ୍ଗଲ କିସମ ଜମିକୁ ପରିବର୍ତ୍ତନ କରି ଭୂମିହୀନଙ୍କୁ ବଣ୍ଟନ କରିବା, କଳକାରଖାନା ନାମରେ ଥିବା ଜମିର ପଟ୍ଟା ପ୍ରସ୍ତୁତ କରି ଖଜଣା ଆଦାୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଶିଳ୍ପସମୃଦ୍ଧ ଢେଙ୍କାନାଳ ଓ ଅନୁଗୋଳ ଜିଲା ଅଧିକ ରାଜସ୍ୱ ପ୍ରଦାନ କରୁଛନ୍ତି। ହେଲେ ଏହି ଦୁଇ ଜିଲାକୁ ଅବହେଳା ପ୍ରଦର୍ଶନ କରାଯାଉଛି। ରାଜସ୍ୱମନ୍ତ୍ରୀ ସର୍ବନିମ୍ନ ୫ଥର ଜିଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷାକ କରିବାକୁ ଏମ୍ପି ଅନୁରୋଧ କରିଛନ୍ତି। ବିଧାୟକ ସୁଧୀର କୁମାର ସାମଲ, ଅଭିଯୋଗକାରୀଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ଏବଂ ଆସ୍ଥାଭାଜନ ହୋଇ କାମ କରିବାକୁ କହିଥିଲେ। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଉପସ୍ଥିତ ଥିଲେ ।

ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ରାଜସ୍ୱ ବିଭାଗ ତଥ୍ୟକୁ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନ କରିଥିଲେ। ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉଦୟ ମହାପାତ୍ରଙ୍କ ସମେତ ଜିଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ରାଜସ୍ୱ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ଉପଜିଲାପାଳ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

### ୭୨୪ ଭୂମିହୀନ ପାଇବେ ପଟ୍ଟା

୨୦୧୮ରେ ଜିଲାରେ ମୋଟ ୩୨୧୮ଜଣ ଭୂମିହୀନ ପରିବାର ଚିହ୍ନଟ କରାଯାଇଥିଲା। ଏବେ ସୁଦ୍ଧା ୭୨୪ ପରିବାର ପଟ୍ଟା ପାଇବାକୁ ବାକି ଅଛନ୍ତି। ଜିଲାର ୭୮ ପଲ୍ଲୀଗ୍ରାମକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ କରିବାକୁ ଯୋଜନା ରହିଛି। ହେଲେ ସେଥିରୁ ୨୫% ଗ୍ରାମ ରାଜସ୍ୱ ଗ୍ରାମ ମାନ୍ୟତା ପାଇବାକୁ ଯୋଗ୍ୟ ହେଉନାହାନ୍ତି। ଜିଲାର ୧୧୦ ସଇରାତରୁ ୮୫ କାର୍ଯ୍ୟକ୍ଷମ ଅଛି। ୨୦୧୯ ନଭେମ୍ବର ସୁଦ୍ଧା ଜିଲାର ୬୬.୧୮% ରାଜସ୍ୱ ସଂଗ୍ରହ ହୋଇପାରିଛି। ଗତବର୍ଷ ଜିଲାରୁ ୫୮ କୋଟି ରାଜସ୍ୱ ସଂଗ୍ରହ ହୋଇଥିଲା। ହେଲେ ଜିଲା ଖଣିଜ ପାଣ୍ଠିରୁ କେବଳ ୬୦ଲକ୍ଷ ଟଙ୍କା ମିଳିଥିବା ଜିଲାପାଳ ସୂଚନା ଦେଇଥିଲେ।




# ଯୋଗନିଦ୍ରା ସ୍ମୃତିଚାରଣ ମହୋତ୍ସବ ଉଦ୍‌ଯାପିତ


ଉଦ୍‌ଯାପନୀ ମହୋତ୍ସବରେ ସାଧୁସନ୍ଥମାନେ।

**ଢେଙ୍କାନାଳ ଅଫିସ, ୧୯।୧୨**

ମହିମା ସ୍ୱାମୀଙ୍କ ଆତ୍ମଯୋଗ ସାଧନାର ସାରସ୍ୱତ ପୀଠ କପିଳାସ ତପୋବନ ମହିମା ବିହାରରେ ମହିମା ସ୍ୱାମୀଙ୍କ ୨୧ ଦିନାତ୍ମକ ଯୋଗନିଦ୍ରା ସ୍ମୃତିଚାରଣ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବୁଧବାର ଭୋର ୪ଟାରୁ ଶୂନ୍ୟବ୍ରହ୍ମଙ୍କ ଉଦ୍ଦେଶ୍ୟରେ ଅହ୍ଲଣିଆ ଲାଗି କରାଯାଇଥିଲା। ଏହାପରେ ବାଲ୍ୟଲୀଳା, ଜଗତ କଲ୍ୟାଣ ପାଇଁ ପ୍ରଜ୍ୱଳିତ ଅଖଣ୍ଡବତି ଓ ବ୍ରହ୍ମଧୁନିରେ ଘୃତାହୁତି କରାଯାଇଥିଲା।

ରଘୁନାଥ ବାବାଙ୍କ ପୌରୋହିତ୍ୟରେ ଆୟୋଜିତ ଧର୍ମସଭାରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଖଗେଶ୍ୱର ସାହୁ, ଅନ୍ୟତମ ବକ୍ତା ମହାନିତ୍ୟ ସାଧୁମଣ୍ଡଳୀ ସମ୍ପାଦକ ଶତ୍ରୁଘ୍ନ ସାହୁ, ମହିମାଜ୍ୟୋତି ଧର୍ମ ପତ୍ରିକା ସମ୍ପାଦକ ବିରଞ୍ଚି ନାରାୟଣ ହୋତା ପ୍ରମୁଖ ଉପସ୍ଥିତ ରହି ଜଗତକଲ୍ୟାଣ ଲାଗି ମହିମାଧର୍ମର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ତପୋବନ ପତ୍ରିକାର ସମ୍ପାଦକ ପ୍ରଶାନ୍ତ ମହାପାତ୍ର, ବାବା କରୁଣାକର ଦାସ, ଜ୍ଞାନୀ ଦାସ, ନିରାକାର ଦାସ, ନିବାରଣ ଦାସ, ତ୍ରିନାଥ ଦାସ, ବିନୋଦ ଦାସ, ସନକ ଦାସ, ନିତ୍ୟାନନ୍ଦ ଦାସ, ଶ୍ରୀଧର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ରାଜ୍ୟ ବାହାରୁ ବହୁ ସାଧୁସନ୍ଥ ଯୋଗଦେଇଥିଲେ।




# ମେଧାବୀଙ୍କୁ ମିଳିଲା ଲାପଟପ୍

**ଢେଙ୍କାନାଳ ଅଫିସ, ୧୯।୧୨**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରାଜ୍ୟ ସରକାରଙ୍କ ବିଜୁ ଯୁବ ସଶକ୍ତୀକରଣ ଯୋଜନାରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ଗୁରୁବାର ମାଗଣା ଲାପ୍‌ଟପ୍ ପ୍ରଦାନ କରାଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ରଶ୍ମି ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଏମ୍ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ, ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି, ପ୍ରତିଯୋଗିତା ମନୋଭାବ ନେଇ ଆଗକୁ ବଢ଼ିବା ଏବଂ ଗୁଣବତ୍ତା ଶିକ୍ଷାର ବିକାଶ ପାଇଁ ସରକାର ମେଧାବୀ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ବଣ୍ଟନ କରୁଥିବା ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ। ଏଥିସହ କଲେଜର ସମସ୍ୟା ସମାଧାନ ଏବଂ ଖାଲି ପଡ଼ିଥିବା ପଦବୀ ପୂରଣ ଲାଗି ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ୨୭ଜଣଙ୍କୁ ଲାପଟପ୍ ପ୍ରଦାନ କରାଯାଇଥିଲା। ଜିଲାର ମୋଟ ୪୨୫ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ଏନ୍‌ଆରସି, ସିଏଏକୁ ବିରୋଧ

**ଢେଙ୍କାନାଳ ଅଫିସ, ୧୯।୧୨:** ଏନ୍‌ଆରସି, ସିଏଏକୁ ବିରୋଧ କରିଛି ଓଡ଼ିଶା ଉର୍ଦ୍ଦୁ ସର୍କଲ ଶାଖା। ସମ୍ବିଧାନର ନିୟମକୁ ଜଳାଞ୍ଜଳି ଦେଇ ସଂସଦର ଏନ୍‌ଆରସି ଏବଂ ସିଏବି ବିଲ୍ ପାସ୍ କରାଯାଇଛି ବୋଲି ଜିଲା ସଭାପତି ପ୍ରଦ୍ୟୁମ୍ନ ନାୟକ କହିଛନ୍ତି। ଏହି ବିଲ୍‌କୁ ପ୍ରତ୍ୟାହାର କରି ନେବାକୁ ଗୁରୁବାର ଦାବି କରାଯାଇଛି। ଏହି ଅବସରରେ ସଙ୍ଗଠନ ପକ୍ଷରୁ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ